# ଅଦିନିଆ ବର୍ଷା ସାଜିଲା କାଳ

ବଲାଙ୍ଗିର, ୯।୪(ସମିସ)

ଚାଷୀ ପାଇଁ ବିପଦ ଆଣିଛି ଅଦିନିଆ ବର୍ଷା। ଘଡ଼ଘଡ଼ି ବର୍ଷା ସାଙ୍ଗକୁ କୁଆପଥର ଫସଲ ନଷ୍ଟ କରୁଛି। ଗତ ଦୁଇଦିନ ମଧ୍ୟରେ ଏକାଧିକ ବାର ବର୍ଷା ହୋଇଥିବାରୁ ଚାଷୀମାନେ ତାଙ୍କର ଫସଲ ଉତ୍ପାଦନକୁ ନେଇ ଚିନ୍ତାରେ ରହିଛନ୍ତି। କେବଳ ଫସଲ ନୁହେଁ ଗ୍ରାମାଞ୍ଚଳର

## ଚିନ୍ତାରେ ପରିବା ଚାଷୀ; ଜଙ୍ଗଲଜାତ ଦ୍ରବ୍ୟ ନଷ୍ଟ ଅଶଙ୍କା

ଲୋକଙ୍କୁ ରୋଜଗାର ଯୋଗାଇ ଦେଉଥିବା ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ନଷ୍ଟ ହୋଇଥିବା ସୂଚନା ରହିଛି। ପ୍ରକାଶ ଯେ ଗତ ସୋମବାର ରାତିରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିଲା। ଗତ ଦୁଇଦିନ ଧରି ଆକାଶ ମେଘାଚ୍ଛନ୍ନ ରହିବା ସହିତ ଥଣ୍ଡା ପବନ ବୋହିବା ସହ କିଛି ସ୍ଥାନରେ ଝିପିଝିପି ବର୍ଷା ହେଉଥିଲା। କିନ୍ତୁ ସୋମବାର ବିଳମ୍ବିତ ରାତିରେ ଜୋରରେ ପବନ ବହିବା ସହିତ ଘଡ଼ଘଡ଼ି ଓ ବର୍ଷା ହୋଇ ପରେ ଆକାଶରୁ କୁଆପଥର ମାଡ଼ ହୋଇଥିଲା। ବଲାଙ୍ଗିର ସଦର ମହକୁମା ସମେତ ପୁଇଁତଲା, ଲୋଇସିଂହା,





ଦେଓଗାଁ, ଖପ୍ରାଖୋଲ ଓ ଅନ୍ୟାନ୍ୟ ଅଞ୍ଚଳରେ ଅଦିନିଆ ବର୍ଷା ପାଣି ଅଜାଡ଼ି ହୋଇଥିବା ଜଣାପଡ଼ିଛି। ଏହାର ପ୍ରଭାବରେ ପରିବା ଚାଷ ନଷ୍ଟ ହେବାର ଆଶଙ୍କା ରହିଛି। କୁଆପଥର ମାଡ଼ରେ ଫସଲ କ୍ଷତି ହେବା ସହିତ ବଦଳୁଥିବା ପାଣିପାଗ ଯୋଗୁଁ ଫସଲରେ କୀଟ ଲାଗିବାର ସମ୍ଭାବନା ରହିଥିବା ଚାଷୀମାନେ କହିଥିଲେ। ବଲାଙ୍ଗିର ଜିଲ୍ଲାର ଦେଓଗାଁ ଅଞ୍ଚଳରେ ବର୍ତ୍ତମାନ ତରଭୁଜ ଚାଷ ବହୁଳ ମାତ୍ରାରେ କରାଯାଇଛି। କିନ୍ତୁ ଗତ ସୋମବାର ହୋଇଥିବା କୁଆପଥର ମାଡ଼ ଯୋଗୁଁ କିଛିମାତ୍ରାରେ ଚାଷ ନଷ୍ଟ ହୋଇଛି। ସେହିଭଳି ସଦର ବ୍ଲକ, ଲୋଇସିଂହା, ପୁଇଁତଲା ଅଞ୍ଚଳରେ କାକୁଡି, ପୋଟଳ, କଲରା, ଝୁଡଙ୍ଗ, ଟମାଟ, ବାଇଗଣ, ଫୁଲକୋବି ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଛି। ଥଣ୍ଡା ଗରମ ପାଣିପାଗ ଚାଷୀଙ୍କ ଫସଲକୁ ହାନୀ ପହଞ୍ଚାଇପାରେ ବୋଲି ସେମାନେ ଚିନ୍ତାରେ ରହିଛନ୍ତି। ପ୍ରକାଶରେ ବଲାଙ୍ଗିରରେ ଫସଲ ସଂଗ୍ରହ କରି ରଖିବା ପାଇଁ କୌଣସି ଶୀତଳଭଣ୍ଡାର ନାହିଁ। ତେଣୁକରି ଚାଷୀମାନେ ବିଲରୁ ପରିବା ତୋଳିବା ପରେ ସିଧାସଳଖ ବଜାରକୁ ନେଇଥାନ୍ତି କିମ୍ବା ବେପାରୀମାନଙ୍କ ଠାରେ ବିକ୍ରୀ କରନ୍ତି। ଏହି ବର୍ଷା ଯୋଗୁଁ ଫସଲ ବିଲରେ ପଡ଼ି ନଷ୍ଟ ହେବ ବୋଲି କହିଥିଲେ। ଏହି ଅଦିନିଆ ବର୍ଷାରେ କେବଳ ଚାଷ ନୁହେଁ ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ଚାର, ମହୁଲଫୁଲ, ଆମ୍ବ ଓ କେନ୍ଦୁ ଭଳି ଫଳ ନଷ୍ଟ ହେବାର ଆଶଙ୍କର ରହିଛି। ଜୋର ପବନ ବହିବା ଯୋଗୁଁ ମହୁଲ ଫୁଲ, ଆମ୍ବ, କେନ୍ଦୁଗଛରୁ ଝଡ଼ି ପଡ଼ିଛି। ସେହିଭଳି ବର୍ଷା ପାଣିରେ ଭିଜିବା ପରେ ଚାର ଫଳରେ ପୋକ ହେବାର ସମ୍ଭାବନା ରହିଥାଏ। ଗ୍ରାମାଞ୍ଚଳର ଲୋକେ ଏହି ଫଳଗୁଡ଼ିକୁ ବିକ୍ରୀ କରି ଦୁଇ ପଇସା ରୋଜଗାର କରିବାକୁ ମନ ବାନ୍ଧିଥିବାବେଳେ ଅଦିନିଆ ବର୍ଷାରେ ସେମାନଙ୍କର ଆଶା ମଉଳି ଯାଇଛି।

# ୧୫ କ୍ୱିଣ୍ଟାଲ ଖଇର କାଠ ସହ ଜଣେ ଗିରଫ

**ଖପ୍ରାଖୋଲ, ୯।୪(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ହରିଶଙ୍କର ରେଞ୍ଜ ଖପ୍ରାଖୋଲ ସେକ୍ସନ ତରଫରୁ ୧୫ କ୍ୱିଣ୍ଟାଲ ଖଇର କାଠ ଜବତ ହୋଇଥିବାବେଳେ ଜଣକୁ ବନ ବିଭାଗ ଗିରଫ କରିଛି। ଏଥିସହ ବ୍ୟବହୃତ

## ଯନ୍ତ୍ରଚାଳିତ କରତ ଓ ଟାଙ୍ଗିଆ ଜବତ

ଯନ୍ତ୍ରଚାଳିତ କରତ ଓ ଏକ ଟାଙ୍ଗିଆ ଜବତ କରାଯାଇଛି। ସୂଚନାନୁଯାୟୀ, ଖପ୍ରାଖୋଲ ବନ ବିଭାଗର ପାଟ୍ରୋଲିଂ ସମୟରେ ତେଲେନପାଲି ଅନ୍ତର୍ଗତ ଠୁଟା ସଂରକ୍ଷିତ





ଜଙ୍ଗଲରେ ତିନିଜଣ ବ୍ୟକ୍ତି ଖଇର ଗଣ୍ଡି କାଟି ଆଣୁଥିବା ବେଳେ ଜଣକୁ ଏହାର କାଠ ସହ କାବୁ କରିଥିବାବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଥିଲେ। ଗିରଫ ହୋଇଥିବା ବ୍ୟକ୍ତି ଜଣକ ଲଠମ୍ବା ଥାନା ଅନ୍ତର୍ଗତ ବଡଉଡ଼େନ୍ ଗ୍ରାମର ପୃଥ୍ୱୀରାଜ ରଣା (୩୨)। ଏନେଇ ହରିଶଙ୍କର ରେଞ୍ଜ୍ ଖପ୍ରାଖୋଲ ସେକ୍ସନ ତରଫରୁ ଏକ ମାମଲା ରୁଜୁ କରାଯାଇ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି। ଜବତ ହୋଇଥିବା ୧୫ କ୍ୱିଣ୍ଟାଲ ଖଇର କାଠର ଆନୁମାନିକ ମୂଲ୍ୟ ପନ୍ଦର ହଜାର ହେବ ବୋଲି ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

# ବଢୁଛି ପ୍ଲାଷ୍ଟିକ୍ ଆବର୍ଜନା

**ବଲାଙ୍ଗିର, ୯।୪(ସମିସ):** ବର୍ତ୍ତମାନ ଗ୍ରୀଷ୍ମ ସମୟ ଚାଲିଛି ଏବଂ ୪୨ରୁ ଊର୍ଦ୍ଧ୍ୱ ତାପମାତ୍ରା ଲୋକଙ୍କୁ କଲବଲ କରୁଛି। ଦିନ ୧୦ଟା ହେଲେ ଲୋକେ ଘରୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରୁଥିବାବେଳେ ବାହାରେ ଥିବା ଲୋକେ ଖରାଦାଉରୁ ନିଜକୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଓ ଥଣ୍ଡାପାନୀୟ ଗ୍ରହଣ କରୁଛନ୍ତି। ତେବେ ଅତି ସହଜରେ ଓ ଶସ୍ତାରେ ମିଳୁଥିବା ଥଣ୍ଡାପାନୀୟ ପାଇଁ ଦୋକାନଗୁଡ଼ିକରେ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଥଣ୍ଡାପାନୀୟ ପ୍ରତି ଲୋକଙ୍କ ବଢୁଥିବା ଚାହିଦାର ସୁଯୋଗ ନେଇ ବ୍ୟବସାୟୀମାନେ ପ୍ଲାଷ୍ଟିକ ବୋତଲରେ ଏହାକୁ ଭର୍ତ୍ତି କରି ବଜାରକୁ ଛାଡୁଛନ୍ତି। ଯାହା ଲୋକଙ୍କ ଶୋଷ ମେଣ୍ଟାଉଛି ସତ କିନ୍ତୁ ପ୍ଲାଷ୍ଟିକ ଆର୍ବଜନାରେ ପରିବେଶ ଦୂଷିତ ହେଉଛି। ଖରା ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ପିଉଥିବା ଥଣ୍ଡାପାନୀୟ ପୂର୍ବରୁ ଏହା କାଚ ବୋତଲରେ ଆସୁଥିବାବେଳେ ବର୍ତ୍ତମାନ କୋଲ୍ଡ୍ରିଙ୍କସ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକ ବହୁଳ ଭାବରେ ପ୍ଲାଷ୍ଟିକ ବୋତଲର ବ୍ୟବହାର କରୁଛନ୍ତି। ଏଥିମଧ୍ୟରୁ କେତେକ ରାଜ୍ୟବାହାରୁ ଆମଦାନୀ ହେଉଥିବାବେଳ ଆଉ କିଛି ଓଡ଼ିଶାର କଟକ, ଯାଜପୁର ଓ ଗଞ୍ଜାମ ଭଳି ଜିଲ୍ଲାରୁ ତିଆରି ହୋଇଆସୁଛି। ସେହିପରି ଆଉ କିଛି କୋଲ୍ଡ୍ରିଙ୍କସ ସ୍ଥାନୀୟ ବଲାଙ୍ଗିରରେ ମଧ୍ୟ ତିଆରି ହୋଇ ବିକ୍ରି ହେଉଛି। ବ୍ୟବସାୟିକ ଦୃଷ୍ଟିରୁ ଏହାର ଦାମ କମ୍ ହୋଇଥିବାରୁ ଦୋକାନୀମାନେ ଏହାକୁ ରଖୁଛନ୍ତି ଏବଂ ସାଧାରଣ ଲୋକେ ମଧ ପିଇବାକୁ ପସନ୍ଦ କରୁଛନ୍ତି। ଏଥିପାଇଁ ଗ୍ରୀଷ୍ମକାଳୀନ ମୃଦ୍ୟୁପାନୀୟ ଯଥା ଆଖୁରସ, ପଇଡ଼ ପାଣି, ସରବତ ଓ ଲସି ଆଦିର ଚାହିଦା କମୁଥିବା ଦେଖିବାକୁ ମିଳିଛି। ତେବେ କୋଲ୍ଡ୍ରିଙ୍କସ ପିଇବା ପରେ ଲୋକେ ପ୍ଲାଷ୍ଟିକ ବୋତଲକୁ ଏଣେତେଣେ ଫିଙ୍ଗି ଦେଉଛନ୍ତି। ଫଳରେ ଏହି ପ୍ଲାଷ୍ଟିକ ଆର୍ବଜନା ହୋଇ ପଡ଼ିରହିବାରୁ ପରିବେଶ ଦୂଷିତ ହେଉଛି। ଯାହା ପରିବେଶପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପରିବେଶକୁ ପ୍ଲାଷ୍ଟିକ କବଳରୁ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମମାନ ହେଉଥିଲେ ହେଁ ଲୋକେ ଶସ୍ତା ଏବଂ ସ୍ୱାଦର ଆଳରେ ପରିବେଶକୁ ନଷ୍ଟ କରୁଛନ୍ତି ବୋଲି ଅନେକ ପରିବେଶପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଣି ଏହି କୋଲ୍ଡ୍ରିଙ୍କସରେ ଆକର୍ଷଣୀୟ ସ୍ୱାଦ ଓ ରଙ୍ଗ ଆଣିବା ପାଇଁ ବିଭିନ୍ନ ପ୍ରକାର ରସାୟନିକ ପଦାର୍ଥ ମିଶାଯାଉଛି ଯାହା ସ୍ୱାସ୍ଥ୍ୟପକ୍ଷେ ହାନୀକାରକ ବୋଲି ଜଣାପଡ଼ିଛି। ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀମାନେ ମଧ ଚୁପ୍ ରହିଥିବା ଦେଖିବାକୁ ମିଳିଛି। ତେବେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା କୋଲ୍ଡ୍ରିଙ୍କସ ତିଆରି କରାଯାଉଥିବା ସ୍ଥାନରେ ଚଢ଼ଉକରି ସବୁ ନିରୀକ୍ଷଣ କରିବା ସହିତ କୋଲ୍ଡ୍ରିଙ୍କସ ପାଇଁ ପ୍ଲାଷ୍ଟିକ ବୋତଲ ପରିବର୍ତ୍ତେ କାଚ ବୋତଲ ବ୍ୟବହାର କରିବାକୁ ଦାବିହେଉଛି।



## ଚିନ୍ତା ବଢ଼ାଉଛନ୍ତି ମୃଦୁପାନୀୟ କମ୍ପାନୀ

## କାଚ ବଦଳରେ ଆସୁଛି ପ୍ଲାଷ୍ଟିକ ବୋତଲ

# ବିଜେପିରୁ ପ୍ରଭାସଙ୍କ ଇସ୍ତଫା

## ରାଜ ପରିବାର ଦମ୍ପତିଙ୍କ ଉପରେ ବର୍ଷିଲେ

**ବଲାଙ୍ଗିର, ୯।୪(ସମିସ):** ବଲାଙ୍ଗିରରେ ଦୁର୍ବଳ ହେଉଛି ବିଜେପି ସଂଗଠନ। ଦଳରେ ଚାଲିଥିବା ଆନ୍ତଃକନ୍ଦଳ ଦଳକୁ ପ୍ରଭାବିତ କରିବାକୁ ଲାଗିଥିବା ବେଳେ ମଙ୍ଗଳବାର ଦଳ ଛାଡ଼ିଛନ୍ତି ସଦର ବିଧାୟକ ପ୍ରାର୍ଥୀଙ୍କ ସମ୍ପର୍କୀୟ ଭାଇ ପ୍ରଭାସ ପାଣିଗ୍ରାହୀ। କେବଳ ସେ ଦଳ ଛାଡ଼ିନାହାନ୍ତି ଦଳର ମଙ୍ଗ ଧରିଥିବା ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ଓ ସ୍ୱାମୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପରେ ବର୍ଷିଛନ୍ତି।



ବଲାଙ୍ଗିର ବିଜେପି ଗୋଟିଏ ପରିବାରରେ ହିଁ ସୀମିତ ରହିଛି। ନୂଆ ଚେହେରାଙ୍କୁ ସୁଯୋଗ ଦିଆଯାଉନାହିଁ। ବିଜେପି ପ୍ରତିଷ୍ଠା ହେଲା ଦିନଠାରୁ ବିଜେପି ସାଂସଦ ସେହି ଗୋଟିଏ ପରିବାରରୁ ହିଁ ରହିଛନ୍ତି। କେବଳ ଏତିକି ନୁହଁ ବିଜେପିରେ ଯଦି ରାଜନୀତି ଓ ବିଧାୟକ ହେବା ପାଇଁ ଇଚ୍ଛା କରିବ ତାହେଲେ ସେ ପାଟଣାଗଡ଼ରୁ ଆବେଦନ କରିପାରିବ ନାହିଁ। ସେହିପରି ସାଂସଦ ହେବାକୁ ଇଚ୍ଛା କରିବା ତ ଦୂରର କଥା ସେଥିପାଇଁ ଆବେଦନ ମଧ କରିପାରିବ ନାହିଁ। କାହିଁକି ନା ସେହି ଦୁଇ ଆସନ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ପାଖରେ ବନ୍ଧାପଡ଼ିଛି। ସେହିପରି ଅନ୍ୟ ପଦପଦବୀରେ ଯଦି ରାଜନୀତି କରିବାକୁ ହେଲେ ରାଜ ପରିବାରର ଦମ୍ପତିଙ୍କ ସହ ରହିବାକୁ ପଡ଼େ। କିଛି ଏହିଭଳି କଟୁ ସମାଲୋଚନା କରି ମଙ୍ଗଳବାର ଦଳ ଛାଡ଼ିଛନ୍ତି ବରିଷ୍ଠ ବିଜେପି ନେତା ପ୍ରଭାସ ପାଣିଗ୍ରାହୀ। ଶ୍ରୀ ପାଣିଗ୍ରାହୀ ୧୯୯୯ ମସିହାରେ ବିଜେପିରେ ଯୋଗଦେଇଥିଲେ। ଅଣ କଂଗ୍ରେସ ରାଜନୀତି ଉପରେ ବିଶ୍ୱାସ ରଖୁଥିବା ଶ୍ରୀ ପାଣିଗ୍ରାହୀ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିବା ସହ ଦଳର ସଂଗଠନ ଦାୟିତ୍ୱରେ ମଧ ରହିଥିଲେ। ସେ ୨୦୦୯, ୨୦୧୪, ୨୦୧୯ରେ ଟିକେଟ ପାଇଁ ଆବେଦନ କରିଥିଲେ। ଚଳିତ ଥର ମଧ ଟିକେଟ ପାଇଁ ଆବେନ କରିଥିଲେ। କିନ୍ତୁ ଦଳ ତାଙ୍କୁ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ସେ ଦଳ ଛାଡିବା ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ସେ ଆଗକୁ ଅଣ କଂଗ୍ରେସ ରାଜନୀତିରେ ହିଁ ରହିବେ। ଯୁବବର୍ଗଙ୍କୁ ସଚେତନ କରିବା ସହ ବିଜେପିକୁ ରାଜ ପରିବାର ମୁକ୍ତ କରିବାକୁ ଅନୁରୋଧ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଦଳ ଛାଡ଼ିଥିବା ପ୍ରଭାସ ପାଣିଗ୍ରାହୀ ହେଉଛନ୍ତି ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଗୋପାଳଜୀ ପାଣିଗ୍ରାହୀଙ୍କ ସମ୍ପର୍କୀୟ ଭାଇ। ତାଙ୍କ ଦଳ ଛାଡ଼ିବା ପରେ ଗୋପାଳଜୀଙ୍କ ପାଇଁ ଅଡୁଆ ବଢ଼ିଛି।

# ମୋରମ ରାସ୍ତା କାମ ନିମ୍ନମାନର

**ପାଟଣାଗଡ଼, ୯।୪(ସମିସ):** ପାଟଣାଗଡ଼ ବ୍ଲକ ଘସିଏନ ପଞ୍ଚାୟତ ଛେଳିଖାଇର ଡୁଙ୍ଗୁରିରୁ



ଛେଳିଖାଇ ଗାଁ ମୁଣ୍ଡରେ ଥିବା ପିଚୁରାସ୍ତାକୁ ସଂଯୋଗ କରୁଥିବା ମେଟାଲରାସ୍ତା ଉପରେ ବିଛାଯାଇଥିବା ମୋରମ କାମ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ତରଫରୁ ଉକ୍ତ ରାସ୍ତାରେ ବିଛା ଯାଇଥିବା ମୋରମ କାମ ଅତି ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ମୋରମ କାମ ନିମ୍ନମାନର ହୋଇଥିବା ଯୋଗୁଁ ମେଟାଲଗୁଡିକ ବାହାରିପଡ଼ିଥିବା ଦେଖିବାକୁ ମିଳୁଛି। ଏହା କେତେ ଟଙ୍କାର କାମ ସୂଚନା ଫଳକ ଦିଆଯାଇନାହିଁ। ଏଥିସହ ନିକଟସ୍ଥ ରାସ୍ତାକଡ଼ରୁ ୧୦ ମିଟର ଦୂରତାରେ ଥିବା ପ୍ରଶାସନର ପତ୍ରା ଜଙ୍ଗଲରୁ ବେଆଇନ ଭାବେ ମୋରମ ଉତ୍ତୋଳନ କରାଯାଇ ଉକ୍ତ ରାସ୍ତାରେ ବିଛାଯାଇଛି। ଏନେଇ ବନ ବିଭାଗ ତରଫରୁ କୌଣସି ଅନୁମତି ନେଇନଥିବା ବନ ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏ ବିଷୟରେ ଘସିଏନ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଶ୍ୱପ୍ରକାଶ ଚୌଧୁରୀଙ୍କୁ ପଚାରିବାରୁ ମୋରମ

## ଯନ୍ତ୍ରୀଙ୍କ ଅଜାଣତରେ ହୋଇଛି କାମ

ବିଛା କାମ ବିଷୟରେ କିଛି ଜାଣି ନଥିବା କହିଥିଲେ। ପରେ ସମ୍ପୃକ୍ତ ଠିକାଦାରଙ୍କୁ ଫୋନ ଯୋଗେ, ମୋତେ ନ ଜଣାଇ କେମିତି କାମ କରାଗଲା ବୋଲି ପ୍ରଶ୍ନ କରିଥିଲେ। ଉକ୍ତ କାର୍ଯ୍ୟ ଘସିଏନ ଗ୍ରାମର ଜୈନିକ ଠିକାଦାର କରିଥିବା



ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ପଞ୍ଚାୟତ କର୍ତ୍ତୃପକ୍ଷ ଯନ୍ତ୍ରୀଙ୍କ ଅଜାଣତରେ କିଭଳି ବେଆଇନ ଭାବେ ମୋରମ ବିଛାଇବା କାମ କରିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଶିଶୁକିଶୋର ପତ୍ରିକା 'ମଠଖାଇ' ଲୋକାର୍ପଣ

**ବଲାଙ୍ଗିର, ୯।୪(ସମିସ):** ଶିଶୁର ସାମଗ୍ରିକ ବିକାଶରେ ଶିଶୁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପରିପ୍ରେକ୍ଷୀରେ ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରକାଶିତ ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମଠଖାଇ' କୁନିକୁନି ପିଲାମାନଙ୍କୁ ଶିଶୁ ସାହିତ୍ୟିକ ତିଆରି କରିବାରେ ସହଯୋଗ କରିବା ସହିତ ଶିଶୁର ସମ୍ପୂର୍ଣ୍ଣ ବିକାଶରେ ସହାୟକ ହୋଇ ପାରିଛି ବୋଲି ମଠଖାଇ ପତ୍ରିକା ଲୋକାର୍ପଣ ଅବସରରେ ଅତିଥିମାନେ ବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା, ଅକ୍ଷରର ସମ୍ପାଦକ ହୃଷିକେଶ ପୁରୋହିତ ଓ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭା ଆରମ୍ଭରେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। କେବଳ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ 'ମଠଖାଇ' ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।




# ବିପୁଳ ପରିମାଣର ମଦ ଓ ପୋଚ ଜବତ; ଦୁଇ ଗିରଫ

**ବଲାଙ୍ଗିର, ୯।୪ (ସମିସ):** ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମଦ ଓ ମହୁଲ ପୋଚ ଜବତ କରିଛି ଅବକାରୀ ବିଭାଗ। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପିଛାଲୁ ମିର୍ଦ୍ଧା ଓ ମହେଶ୍ୱର ମିର୍ଦ୍ଧା। ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା। ବରକାନୀ ଛକ ନିକଟରୁ ୧୦୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିଭଳି ସେଲମାପାଲି ୮୦ ଲିଟର ମଦ ଜବତ କରାଯାଇଥିବାବେଳେ ୧୫୨୦ ଲିଟର ମହୁଲ ପୋଚ ଜବତ କରାଯାଇଥିଲା। କନକପୁରରେ ୨୭ ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ପିଛାଲୁ ଓ ମହେଶ୍ୱରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ଏକ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ








ମହୀମୁଣ୍ଡା, ୯।୪(ସମିସ)

ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧୀନରେ ଥିବା ଅଇଁଲାସାରୀ ପଞ୍ଚାୟତ। କୁଲେରବାହାଲି, ନୂଆପାଲି, କେରେଙ୍ଗାବାହାଲି, କଦଳିପାଲି, ଅଇଁଲାସାରୀ ଗାଁକୁ ନେଇ ଏହି ପଞ୍ଚାୟତ ଗଠିତ। ପଞ୍ଚାୟତରେ ୧୧ ଟି ୱାର୍ଡ ରହିଥିବାବେଳେ ୨୫୦୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଅଧିକାଂଶ ଲୋକ ଚାଷ ଓ ଦିନମଜୁରୀ କାମ ଉପରେ ନିର୍ଭର କରି ପରିବାର ପୋଷଣ

## ବିକାଶ ପଥରେ ଅଇଁଲାସାରୀ

କରନ୍ତି। ଅଇଁଲାସାରୀ ପଞ୍ଚାୟତରେ ସରପଞ୍ଚ ଭାବରେ କାମ କରୁଛନ୍ତି ମଦନା ବେହେରା। ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ରାସ୍ତା ଓ ପାନୀୟଜଳ ଯୋଗାଣ ଏଭଳି ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାମ କରି ସେ ତାଙ୍କ ଅଞ୍ଚଳକୁ ବିକାଶ ପଥରେ ଆଗେଇ ନେବାକୁ ଲକ୍ଷ୍ୟ ରଖିଛନ୍ତି। ସରପଞ୍ଚଙ୍କ କହିବା ଅନୁସାରେ ସେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ଅଇଁଲାସାରୀ ଗ୍ରାମସ୍ଥିତ ମାଉଲିକିଁଟାରୁ ଗାଏଗରିଆଗୋଠ ରାସ୍ତାର ଉନ୍ନତିକରଣ କରିଥିଲେ। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସର କାଦୁଅରେ ଭାସୁଥିଲା। ପଞ୍ଚାୟତକୁ କଂକ୍ରିଟ କରିବା ସହିତ ବାହାରେ ମାଟି ପକାଇ ସମତୁଲ କରାଯାଇଥିଲା। ପରେ ଚେରେଙ୍ଗାବାହାଲିରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ, କୁଲେରବାହାଲିରୁ ଷାଣ୍ଢପାଲିକୁ ରାସ୍ତା ନିର୍ମାଣ, ନୂଆଡୁଙ୍ଗୁରୀପାଲିରୁ ମୁଖ୍ୟରାସ୍ତା ନିର୍ମାଣ କାମ କରାଯାଇଛି। ଅଇଁଲାସାରୀ ପ୍ରାଥମିକ ବିଦ୍ୟାଳୟରେ ବାଡ଼ ନିର୍ମାଣ କରାଯାଇ ଗେଟ୍ ଲଗାଯାଇଛି। ସେହିଭଳି ନୂଆପାଲି ୟୁଜିଏମଇ ସ୍କୁଲର ଉନ୍ନତିକାମ କରାଯାଇଛି। ଅଇଁଲାସାରୀ ପଞ୍ଚାୟତରେ ୭୦୦ରୁ ଊର୍ଦ୍ଧ୍ୱ ସକ୍ରିୟ ଜବ୍ କାର୍ଡଧାରୀ ଶ୍ରମିକ ରହିଛନ୍ତି। ସେମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଯୋଗାଇଦେବାକୁ ମନରେଗା ଅଧୀନରେ ବିଭିନ୍ନ ପ୍ରକଳ୍ପ କାମ କରଯାଉଛି। ଏହିକ୍ରମରେ ଅଇଁଲାସାରୀ ଗ୍ରାମର ପିପଲମୁଣ୍ଡା ଓ ଗୁଟିବନ୍ଧଲି ନୂଆମୁଣ୍ଡାଠାରେ ବନ୍ଧ ଉନ୍ନତିକରଣ କାମ କରାଯାଇଛି। କୁଲେରବାହାଲି ସ୍ଥିତ ଷାଣ୍ଢପାଲି ବନ୍ଧ ଓ ରାସ୍ତା କାମ, ନୂଆ ଡୁଙ୍ଗୁରିପାଲି ବନ୍ଧ ଉନ୍ନତିକରଣ, ଚେରେଙ୍ଗାବାହାଲି ଫୁଲମୁଣ୍ଡା ଉନ୍ନତିକରଣ, ନୂଆପାଲି ସ୍ଥିତ ମହାଲିଙ୍ଗ ବନ୍ଧ ଉନ୍ନତିକରଣ କାମ କରି ଲୋକଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ସେହିଭଳି ନୂଆପାଲିର ସ୍କୁଲ ଉନ୍ନତିକରଣ କରାଯାଇଛି। ପଞ୍ଚାୟତର ସମସ୍ତ ଗ୍ରାମରେ ସେଗ୍ରିଗେସନ ସେଡ୍ ନିର୍ମାଣ କରାଯାଇଛି। ଅଇଁଲସାରୀ ଗ୍ରାମରେ ଏକ ଶ୍ମଶାନଘାଟ ଓ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଥିବା ସରପଞ୍ଚ ମଦନା ବେହେରା ସୂଚନା ଦେଇଥିଲେ। ପଞ୍ଚାୟତର ଉନ୍ନତିପାଇଁ ବ୍ଲକରୁ ପାଣ୍ଠି ଅନୁମୋଦନ କରୁଥିବାରୁ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ପଞ୍ଚାୟତରେ ଆହୁରି ବିକାଶମୂଳକ କାମ କରି ଏକ ଆଦର୍ଶ ପଞ୍ଚାୟତ ଭାବରେ ଗଢ଼ିତୋଳିବାକୁ ସେ ଲକ୍ଷ୍ୟ ରଖିଥିବା କହିଥିଲେ।

ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ଼ ଓ ଉନ୍ନତ ଭିତ୍ତିଭୂମି ସହ ପୂରଣ ହେଉଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟଜଳ ଯୋଗାଣ ଠାରୁ ଆରମ୍ଭ କରି ନାରୀ ଜାଗରଣ। ସମସ୍ତ କ୍ଷେତ୍ରେରେ ସୁଧୁରିଛି ବ୍ୟବସ୍ଥା। ମା' ମାଟି ପାଇଁ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ଅଇଁଲାସାରୀ ପଞ୍ଚାୟତର ସରପଞ୍ଚ।





# ଦୁଷ୍କର୍ମ ଅଭିଯୁକ୍ତକୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ

**ଭବାନୀପାଟଣା, ୯।୪(ସମିସ):** କଳାହାଣ୍ଡି ଜିଲ୍ଲାର କୋକସରା ଥାନା ଅଧିନରେ ୨୦୧୭ ମସିହାରେ ଜଣେ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିବା ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ ପୋକ୍ସୋ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ କୋକସରା ଥାନା ଅଧିନସ୍ଥ ଧାଁରପୁର ଗ୍ରାମର ଦୀନବନ୍ଧୁ ନାଏକ (୪୦) ସେହି ଗ୍ରାମର ଜୈନିକା ନାବାଳିକାକୁ ତାଙ୍କ ଘର ପଛ ପଡ଼ିଆରେ ଏକୁଟିଆ ପାଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। ପରେ ଉକ୍ତ ନାବାଳିକା ଆନ୍ଧ୍ରପ୍ରଦେଶ ଚାଲିଯିବା ପରେ ମଧ୍ୟ ଦୀନବନ୍ଧୁ ସେଠାକୁ ଯାଇ ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ପୀଡ଼ିତାର ବାପା କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ କୋକସରା ଥାନା ପୁଲିସ ତଦନ୍ତ କରି ଦୀନବନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲ। ଉକ୍ତ ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଶୁଭଞ୍ଜୀନ ମହାନ୍ତି ଅଭିଯୁକ୍ତ ଦୀନବନ୍ଧୁକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୬୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେବା ସହିତ ସରକାର ପୀଡିତାକୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ରୋହିତ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# କମଲାବାରିଠାରେ ବିଜେଡିର ସଂକଳ୍ପ ସମାବେଶ



**ଭବାନୀପାଟଣା, ୯।୪(ସମିସ):** ଜୁନାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଧାମନପୁର ପଞ୍ଚାୟତ କମଲାବାରିଠାରେ ମଙ୍ଗଳବାର ବିଜେଡ଼ିର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବିଜୁ ଜନତା ଦଳର କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଆସ୍ଥା ବିଶ୍ୱାସ ରହିଛି। ଏଥର ମଧ୍ୟ ଲୋକେ ଆସ୍ଥା ପ୍ରକଟ କରି ବିପୁଳ ସଂଖ୍ୟାରେ ବିଜୟୀ କରାଇବେ। ଯେଁଉମାନେ ଉପସ୍ଥିତ ଅଛନ୍ତି ସେମାନେ ହେଉଛନ୍ତି ପ୍ରକୃତ ଯୋଦ୍ଧା, ସେମାନେ ଆଶ୍ୱାସନା ଦେଇଛନ୍ତି ତେଣୁ ନିଶ୍ଚିତ ବିଜୟୀ ହେବୁ ଓ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ନେଇ କହିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା ପଞ୍ଚମୀ ଦୀପ, ଇଂ ଦୀନେଶ କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗୋଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଦୟା ସାଗର ଚଲାନଙ୍କ ଅଧକ୍ଷତାରେ ଏହି ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଦଳୀୟ କର୍ମୀ ଓ ମହିଳାମାନେ ଯୋଗ ଦେଇଥିଲେ।

# ବିଜେପି ଛାଡ଼ିଲେ ରୋହିତ, ସ୍ୱାଧୀନ ଲଢ଼ିବେ
# ପ୍ରଦୀପ୍ତଙ୍କ ପାଇଁ ସାଜିଲେ କଣ୍ଟା

**ଭବାନୀପାଟଣା, ୯।୪(ସମିସ)**

ଆସନ୍ତା ନିର୍ବାଚନରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବାର ପୂର୍ବାନୁମାନ କରାଯାଉଛି। କିନ୍ତୁ ବିଜେପିର କର୍ମୀ ଓ ଆଗଧାଡ଼ିର ନେତାମାନେ ଚିନ୍ତିତ, ବିଚଳିତ ଏବଂ ବ୍ୟସ୍ତବିବ୍ରତ ଭିତରେ ଯଦିଓ ଗତି କରୁଛନ୍ତି ତାହା ବାହାରକୁ ଜଣାପଡୁନାହିଁ। ହେଲେ ବିଜେପିର ଟାଣୁଆ ଯୁବନେତା ରୋହିତ ଦୁର୍ଗା ଦଳରୁ ଇସ୍ତଫା ଦେଇ ସ୍ୱାଧିନ ଲଢ଼ିବେ ବୋଲି ଘୋଷଣା କରିବା ପରେ ବିଜେପି ଦଳୀୟ ପ୍ରାର୍ଥୀ ପ୍ରଦୀପ୍ତ ନାୟକଙ୍କ ହୋସ ଉଡ଼ିଯାଇଛି। ପ୍ରଦୀପ୍ତଙ୍କ ପାଇଁ ତଣ୍ଟିର କଣ୍ଟା ସାଜିବେ ରୋହିତ ଦୁର୍ଗା ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ରୋହିତ ଚଳିତ ନିର୍ବାଚନରେ ଦାବିଦାର ଥିବାରୁ ତାଙ୍କୁ ଟିକଟ ନ ମିଳିବାରୁ ସେ ହତାଶ ନ ହୋଇ ଜନସାଧାରଣଙ୍କ ସେବା ପାଇଁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଦୃଢ଼ ସଂକଳ୍ପ ନେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋହିତ ବିଜେପିରୁ ଇସ୍ତଫା ଦେବା ଘୋଷଣା କରିଛନ୍ତି। ତାଙ୍କ ସହ ବିଜେପି ମିଡ଼ିଆ ସେଲ ସଂଯୋଜକ ପ୍ରେମ ନାଏକ ଓ ଆଉ କେତେଜଣ ବିଜେପିର କର୍ମୀ ଦଳ ଛାଡିବା ନିଷ୍ପତ୍ତି ନେଇଥିବା ଶ୍ରୀ ଦୁର୍ଗା ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ରୋହିତ ବିଜେପିର ବିଦ୍ରୋହୀ ପ୍ରାର୍ଥୀ ହୋଇ ଦଳ ଲାଗି ପ୍ରଭୂତ କ୍ଷତିର କାରଣ ହେବା ଆଶଙ୍କାକୁ ଏଡାଇଦେଇ ହେବ ନାହିଁ। କିଛି ବିଜେପି ନେତୃବର୍ଗ ରୋହିତଙ୍କ ଏଭଳି ନିଷ୍ପତ୍ତି ଦଳୀୟ ପ୍ରାର୍ଥୀଙ୍କୁ ଅଯଥାରେ ଭୟଭୀତ କରି କିଛି ସ୍ୱାର୍ଥ ହାସଲର ଭେଳିକି ଦେଖାଉଥିବା କହିଛନ୍ତି। କିନ୍ତୁ ରୋହିତ ସେମାନଙ୍କୁ ନିର୍ବାଚନ ଫଳାଫଳ ହିଁ ଉଚିତ ଜବାବ ଦେବ, ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ ବୋଲି କହିଛନ୍ତି।




ଦୀର୍ଘ ଦିନର ଅସୁସ୍ଥତା ସତ୍ତ୍ୱେ ପ୍ରଦୀପ୍ତ କୁମାର ନାଏକ ଭବାନୀପାଟଣା ସଦର ଆସନରେ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ଭବାନୀପାଟଣା ସଦର ଆସନରୁ ଟିକଟ ମିଳିବା ନେଇ ବିଜେପିର ଯୁବନେତା ରୋହିତ ଦୁର୍ଗା, ଲୋକନାଥ ଦୁର୍ଗା ଓ ଶରତ ନାଏକ ନିଜ ନିଜର ପ୍ରସ୍ତୁତି ଜାରି ରଖିଥିଲେ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ରୋହିତ ଭବାନୀପାଟଣା ସହରରେ ଆନ୍ଦୋଳନ ଓ ଶୋଭାଯାତ୍ରା ଇତ୍ୟାଦି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ହେଲେ ଦଳ ଭିତରେ ରୋହିତଙ୍କ ଭୂମିକାକୁ ନେଇ କେତେକ ଦଳୀୟ ନେତା ଓ ବର୍ତ୍ତମାନର ପ୍ରାର୍ଥୀ ପ୍ରଦୀପ୍ତ ନାଏକ ନଜରଅନ୍ଦାଜ କରୁଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ଗତ କିଛିଦିନ ପୂର୍ବେ ବିଜେପି ସମର୍ଥନରେ ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ହୋଇଥିବା ପ୍ରଫୁଲ୍ଲ କୁମାର ସାହୁ ଏକାଧିକ ପଞ୍ଚାୟତ ସମିତି ସଭ୍ୟଙ୍କୁ ନେଇ ଭୁବନେଶ୍ୱରରେ ବିଜେଡିର ଯୋଗଦାନ କରିଥିଲେ। ଫଳରେ ବୋର୍ଡା ଅଞ୍ଚଳରେ ବିଜେପିକୁ ଶକ୍ତ ଧକ୍କା ଲାଗିଥିଲା। ଆଜି ପୁଣି ବିଜେପିର ଦୁଇ ଯୁବନେତା ରୋହିତ ଓ ପ୍ରେମ ନାଏକ ଦଳ ଛାଡିଛନ୍ତି। କେବଳ ଏହି ଦୁଇଜଣ କେବଳ ନୁହଁନ୍ତି ଭବାନୀପାଟଣା ଓ କେସିଙ୍ଗା ବ୍ଲକକୁ ନେଇ ଗଠିତ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ରୋହିତଙ୍କ ସହ ଦଳ ଛାଡିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦୁର୍ଗା ସ୍ପଷ୍ଟ କରିଛନ୍ତି। ଏଭଳି ସ୍ଥିତିରେ ଭବାନୀପାଟଣା ସଦର ଆସନରେ ବିଜେପିର ବିଜୟ ପଥ ସଂକଟମୟ ସ୍ଥିତିକୁ ଯାଇଛି। ରୋହିତଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରେମ ନାଏକ, ମହାଦେବ ରାଉତ, ମୁକେଶ କୁମାର, ବିଶ୍ୱନାଥ ବାଗ, ସୁଶାନ୍ତ ଯୋଶୀ ଓ ଅଶୋକ ଭାଟି ମଞ୍ଚାସୀନ ଥିଲେ।। ପ୍ରଥମେ ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ସାହୁ ଏବେ ରୋହିତ ଦୁର୍ଗା ଦଳରୁ ଇସ୍ତଫା ଦେବାପରେ ବିଜେପି ଗଣିତକୁ ଓଲଟ ପାଲଟ କରିଦେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

# କଂଗ୍ରେସର ନିର୍ବାଚନୀ ସଭା

**ବଲାଙ୍ଗିର, ୯।୪(ସମିସ):** ୨୦୧୪ ମସିହାରୁ ଏକ ଲଢୁଆ ଜନପ୍ରତିନିଧି ଭାବେ ନରସିଂହ ମିଶ୍ରଙ୍କୁ ଲୋକ ବାଛିଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ବଲାଙ୍ଗିର ପ୍ରତ୍ୟେକ କ୍ଷେତ୍ରରେ ବିକାଶ କରିଛି। ସେହି ୧୦ବର୍ଷର ପ୍ରକ୍ରିୟାକୁ ନିରନ୍ତର ଜାରି ରଖିବା ପାଇଁ ବଲାଙ୍ଗିରବାସୀ ପୁଣି ଥରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀଙ୍କୁ ଭୋଟଦେବେ ବୋଲି ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୩ରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ସମାବେଶରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏକ ସଶକ୍ତ, ଲଢୁଆ ବିଧାୟକ ନିର୍ବାଚିତ କଲେ ହିଁ ଅଞ୍ଚଳର ପୂର୍ଣ୍ଣାଙ୍ଗ ବିକାଶ ହୋଇଥାଏ ତେଣୁ ଆପଣମାନେ ନିଶ୍ଚିତ ଭାବେ କଂଗ୍ରେସ ଦଳର ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯିଏ କି ବିଧାନସଭାରେ ଏ ଅଞ୍ଚଳର ବିକାଶ ପାଇଁ ଲଢେଇ କରି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଆଣିପାରିବ ତାଙ୍କୁ ଭୋଟ ଦେଇ ବିଜୟୀ କରାଇବେ ବୋଲି ଶ୍ରୀ ମିଶ୍ର କହିଥିଲେ। ଆଜିର ସଭାରେ ଯୁବନେତା ଉପେନ ଦୀପ, ଜ୍ୟୋତି ନାଗ, ରୁପେଶ ନାଗ, ସନ ନାଗ, ବରିଷ୍ଠ ନାଗରିକ ଅମୂଲ୍ୟ ଛତ୍ରିଆ, ଅନିଲ ନାୟକ, ଏଆଇସିସି ପର୍ଯ୍ୟବେକ୍ଷକ ମଞ୍ଚାସୀନ ଥିଲେ।

# ବିପୁଳ ପରିମାଣରେ ମହୁଲ ଜବତ; ଜଣେ ଗିରଫ

**କଣ୍ଟାବାଞ୍ଜି, ୯।୪(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଅବକାରୀକୁ ବଡ଼ ସଫଳତା ମିଳିଛି। ୮ କ୍ୱିଣ୍ଟାଲ ୩୫ କେ.ଜି ମହୁଲ ଜବତ କରି ତୁରେକେଲା ବ୍ଲକ ଝରଣୀ ପଞ୍ଚାୟତ ତେନ୍ତୁଳୀଖୁଣ୍ଟି ଗାଁର ନବୀନ ପୁଟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି କଣ୍ଟାବାଞ୍ଜି ଅବକାରୀ ପୁଲିସ। ସୂଚନାଅନୁଯାୟୀ, ଏକ ଚାରିଚକିଆ ଯାନ ଯାହାର ପଞ୍ଜୀକରଣ ନମ୍ବର ଓଡି ୧୭ ବି ୮୭୮୫ରେ ବେଆଇନ ଭାବରେ ମହୁଲ ନେଇ ବିକ୍ରୟ ପାଇଁ ଅନ୍ୟତ୍ର ଯାଉଥିବା ଖବର ପାଇଥିଲେ। ପରେ ତୁରେକେଲା କଲେଜ ନିଟକରେ ସକାଳ ୭ଟା ସମୟରେ ଚଢ଼ଉ କରି




ଗିରଫ କରିଥଲା ଅବକାରୀ ପୁଲିସ। ଜବତ ମହୁଲର ମୂଲ୍ୟ ଆନୁମାନିକ ୪୦ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ କଣ୍ଟାବାଞ୍ଜି ଅବକାରୀ ଥାନା ଅଧିକାରୀ ସଚିନ ବେହେରା ସୂଚନା ଦେଇଛନ୍ତି। କଣ୍ଟାବାଞ୍ଜି ଅବକାରୀ ଥାନା ଏଏସଆଇ ପ୍ରବୀଣ ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉରେ ଏଏସଆଇ ଆର୍ତ୍ତତ୍ରାଣ ବହିଦାର, କନଷ୍ଟେବଳ ରଞ୍ଜନ କୁମାର ମିଶ୍ର, ଆଶିଷ ପଟେଲ, ମମତା ବେହେରା ପ୍ରମୁଖ ସାମିଲ ଥିଲେ।

# ଗଞ୍ଜେଇ କାରବାରରେ ୨ ଜଣଙ୍କୁ ଜେଲ୍

**ବୀରମହାରାଜପୁର, ୯।୪ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହାରାଜପୁର ଥାନା ପୁଲିସ ଗଞ୍ଜେଇ କାରବାରରେ ୨ ଜଣକୁ ଗିରଫ କରିଛି। ଏମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ମଣିକୁତି ଗ୍ରାମର ମଙ୍ଗୁଲୁ ସାହୁ ଏବଂ ପ୍ରଦୀପ ସାହୁ। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଉଲୁଣ୍ଡା ବ୍ଲକ ରକ୍ସା ଛକରୁ ପୁଲିସ ଏ ଦୁହିଁଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ୭ କେଜି ୮ଶହ ଗ୍ରାମର ଗଞ୍ଜେଇ ସହ ଟଙ୍କା, ଫୋନ୍ ଓ ବାଇକ୍ ଜବତ କରିଛି। ମଙ୍ଗଳବାର ସକାଳୁ ସୋନପୁର ପଟରୁ ସମ୍ବଲପୁର ପଟକୁ ଏକ ବାଇକ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପୁଲିସ ଖବର ପାଇ ରକ୍ସା ଛକରେ ଛକି ରହିଥିଲା। ଏହି ସମୟରେ ଏମାନେ ଧରା ପଡ଼ିଥିଲା। ପୁଲିସ ଅଟକାଇ ଯାଞ୍ଚ କରିବା ପରେ ଏକ ବ୍ୟାଗରୁ ଗଞ୍ଜେଇ ମିଳିଥିଲା।

# କଂଗ୍ରେସ ପ୍ରାର୍ଥୀଙ୍କୁ ମ.ରାମପୁରରେ ସ୍ୱାଗତ

**ମ.ରାମପୁର, ୯।୪(ସମିସ):** କଂଗ୍ରେସ ଦଳ ସାଂସଦ ପ୍ରାର୍ଥୀ ଦ୍ରୌପଦୀ ମାଝୀ ଓ ନର୍ଲା ବିଧାୟକ ପ୍ରାର୍ଥୀ ଭକ୍ତ ଦାସ ନିର୍ବାଚନ ପ୍ରଚାରରେ ମ, ରାମପୁର ଆସିଥିଲେ। ଦଳୀୟ କର୍ମୀମାନେ ପ୍ରଥମେ ମ.ରାମପୁର ନିକଟସ୍ଥ ବୁରାଟ ଗ୍ରାମଠାରେ ସେମାନଙ୍କୁ ସ୍ୱାଗତ କରିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସଭା କରିଥିଲେ। ଉଭୟ ପ୍ରାର୍ଥୀ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପରେ କେନ୍ଦୁଘାଟି ଯାଇ ମାଆ ବନଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ଉର୍ଲାଦାନିରେ ମଧ୍ୟ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ପିସିସି ସଦସ୍ୟ ବିଭୂତି ଭୂଷଣ ମହାଖୁଡ, ବ୍ଲକ କଂଗ୍ରେସ ସଭାପତି ରୁଦ୍ର ପ୍ରତାପ ସିଂହ, ବରିଷ୍ଠ କଂଗ୍ରେସ କର୍ମୀ ଚମରା ବଗର୍ତ୍ତୀ, ଯଶୋଦା ନାଗ, ରଶ୍ମି ରଞ୍ଜନ ପ୍ରହରାଜ, ଦିଲୀପ ମହାଖୁଡ, ବାବୁଲା ନାଏକ, ସଞ୍ଜୀବ ସାହୁଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି, କର୍ମୀ ଉପସ୍ଥିତ ରହିଥିଲେ।

# ମାଲିକଙ୍କ ଅଜାଣତରେ ଜମି ବିକ୍ରି; ଥାନାରେ ମାମଲା

**ବଲାଙ୍ଗିର, ୯।୪(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ତହସିଲ ଅନ୍ତର୍ଗତ ବୁଢ଼ୀସିଂଢ଼ୋଲ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଜମିହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଜମି ମାଲିକଙ୍କ ଆଧାର କାର୍ଡକୁ ବ୍ୟବହାର କରି ଅନ୍ୟଜଣେ ବ୍ୟକ୍ତିଙ୍କୁ ଜମି ଜାଲିଆତି କରିବାକୁ ଉଦ୍ୟମ କରାଯାଇଥିବା ଜଣାପଡ଼ିବା ପରେ ବଲାଙ୍ଗିର ତହସିଲ କାର୍ଯ୍ୟାଳୟର ସବରେଜିଷ୍ଟ୍ରାର ଟାଉନ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।

ସବରେଜିଷ୍ଟ୍ରାର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ କହିବା ଅନୁସାରେ ଗତ ୨୦୨୩ ନଭେମ୍ବର ୧୭ ତାରିଖ ଦିନ ବୁଢ଼ିସିଂଢ଼ୋଲ ଗ୍ରାମର ଅମ୍ବରେଶ କର୍ମୀ ନାମକ ଜଣେ ବ୍ୟକ୍ତି ଆସି ତାଙ୍କର ଜମିକୁ ଅନ୍ୟ କେହିଜଣେ ବିକ୍ରୀ କରିଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ କରିବାରୁ ସେହି ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ତାଙ୍କର ଆଧାର କାର୍ଡ ହାତେଇଥିଲେ। ପରେ ସେହି ନାମରେ ଅନ୍ୟଜଣଙ୍କୁ ଜମି ମାଲିକ ଦର୍ଶାଇ ଜମିକୁ ନିଜ ନାମରେ କରି ବିକ୍ରୀ କରିଥିଲେ। ଏହି ସତ୍ୟତା ସାମ୍ନାକୁ ଆସିବା ପରେ ସବରେଜିଷ୍ଟ୍ରାର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଦେବାନନ୍ଦ ସାହୁ ପିସିସି ମୁଖପାତ୍ର

**ଟିଟିଲାଗଡ଼, ୯।୪(ସମିସ):** ବରିଷ୍ଠ କଂଗ୍ରେସ ନେତା ତଥା ଦଳର ଜିଲ୍ଲା ସେବାଦଳ ସଭାପତି ଦେବାନନ୍ଦ ସାହୁଙ୍କୁ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଭାବରେ ନୂତନ ନିଯୁକ୍ତି ମିଳିଛି। କଳାହାଣ୍ଡି ଏବଂ ନୂଆପଡ଼ା



ଜିଲ୍ଲା କଂଗ୍ରେସ ପ୍ରଭାରୀ ଭାବରେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ତାଙ୍କ ନୂତନ ନିଯୁକ୍ତି ନେଇ ଦଳରେ ଉତ୍ସାହ ସୃଷ୍ଟି କରିଛି। ଦେବାନନ୍ଦ ୧୯୮୦ରୁ କଂଗ୍ରେସ ଦଳ ସହ ଜଡ଼ିତ ଅଛନ୍ତି ଏବଂ ଦଳର ଜିଲ୍ଲା ଯୁବ ଉପସଭାପତି, ଜିଲ୍ଲା ସାଧାରଣ ସମ୍ପାଦକ, ରାଜ୍ୟ ସେବାଦଳ ଉପସଭାପତି ଆଦି ବହୁ ଗୁରୁଦାୟିତ୍ୱରେ ରହି ସଂଗଠନ ପ୍ରତି ନିଜ ନିଷ୍ଠା ପ୍ରଦର୍ଶନ କରିଆସିଛନ୍ତି। ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯିବା ନେଇ ପିସିସି ସମ୍ପାଦକ ଡମ୍ବରୁ ଛତ୍ରିଆ, ପିସିସି ସଭ୍ୟ ଆଇନଜୀବୀ ସୁମନ୍ତ ବେହେରା, ଟିଟିଲାଗଡ଼ ନଗର କଂଗ୍ରେସ ସଭାପତି ଘିନୁ ଆଡ଼ଜୁଆଡ଼, ବ୍ଲକ କଂଗ୍ରେସ ଉପସଭାପତି ମଗନ ନାଗ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମୁକେଶ ଜୈନ, ରାଜ୍ୟ ଯୁବ ଶାଖା ମୁଖପାତ୍ର ଆଇନଜୀବୀ ବୀରେନ୍ଦ୍ର ବାଗ, ଲିଙ୍ଗରାଜ ସୁନା ଓ ଲାଲଟୁ ତାଣ୍ଡି ପ୍ରମୁଖ ପିସିସି ସଭାପତି ଶରତ ପଟ୍ଟନାୟକ, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ
# ମେ ୨୨ରୁ ଧାନକିଣା

**ସୋନପୁର, ୯।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ମେ ୨୨ରୁ ରବିଧାନ କ୍ରୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।



ଏଥି ନିମନ୍ତେ ୬୦ଟି ପ୍ୟାକ୍ସ ଓ ୭ଟି ପରିବର୍ଦ୍ଧିତ କେନ୍ଦ୍ର ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଛନ୍ତି। ସମୁଦାୟ ୧୦୪ଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ। ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ; ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡ଼ିବ। ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ରଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୭ ଘଣ୍ଟାରୁ ଅପରାହ୍ନ ୧୨ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ମଧ୍ୟ ମଣ୍ଡି ଚାଲୁ ରହିବ। ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୫୬୭୯ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ତେବେ ଗତ ରବିରେ ୩୫୫୮୫ ଜଣ ଚାଷୀ ପଂଜିକୃତ ହୋଇ ୨୨୯୮୨୧.୬୭ କୁଇଣ୍ଟାଲ ଧାନ ବିକ୍ରି କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ପଲିଥିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳ ପ୍ରତି ବିଶେଷ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ଏହା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦୋଇଛନ୍ତି। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧିଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ। ସମ୍ପୃକ୍ତ ସମସ୍ତଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଆଗୁଆ ପ୍ରସ୍ତୁତି ଯାଞ୍ଚ ସହ ତୃଣମୂଳ ସ୍ତରରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାପରିଷଦ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲା କୃଷି ଅଧିକାରୀ ବିଭୁତି ଭୂଷଣ ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଜିଲ୍ଲା ସମବାୟ ଉପନିବନ୍ଧକ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ସ୍ୱାଗତ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବୀରମହାରାଜପୁର, ୯।୪ (ସମିସ):** ବୀରମହାରାଜପୁର ଥାନା କଳାପଥର ନୂଆଁପାଲିରେ କେବୁଲ୍ ସଜାଡ଼ିବାବେଳେ ଅଘଟଣ ଘଟିଛି। ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଚିଟିପାଲି ଗ୍ରାମର ସଦାଶିବ ଖମାରୀଙ୍କ ବଡ଼ ପୁଅ ଜ୍ୟୋତି ନଞ୍ଜନ ଖମାରୀ (୩୩)। ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଶବ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ।

# ଗୁହାଳରୁ ଗାଈ ନେଇଗଲା ବାଘ

**ନୂଆପଡ଼ା, ୯।୪(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ କୁକୁଡାଟାଲ ଗାଁରେ ପୁଣି କଲରା ପତରିଆ ବାଘ ମାତିଛି। ହେମସିଂ କେଉଁଟ ନାମକ ଜଣେ ଚଷୀଙ୍କ ଗୁହାଳରୁ ଏକ ଗାଈକୁ ମାରି ଦେଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଭୟଭୀତ ହୋଇପିଛନ୍ତି। ସୋମବାର ରାତିରେ ଗାଁରେ ସମସ୍ତେ ଶୋଇପଡ଼ିଥିବାବେଳେ ଗୁହାଳରେ ପଶି ଗାଈକୁ ବାହାରକୁ ନେଇ ମାରି ଦେଇଥିଲା। ମଙ୍ଗଳବାର ସକାଳେ ଖବର ପାଇ ବନ ବିଭାଗ କର୍ମଚାରୀ ଗାଁରେ ପହଞ୍ଚି ଥିଲେ। ଗାଈ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ଏହି ବାଘଟି ସ୍ଥାନୀୟ ଜଙ୍ଗଲରେ ଲୁଚି ରହି ମଝିରେ ମଝିରେ ଏଭଳି ଉତ୍ପାତ କରୁଥିବା ଗ୍ରାମବାସୀ କହିଛନ୍ତି।

# ଆଦି ସଂସ୍କୃତିର ମହାନ ପାର୍ବଣ 'ବିହନ ଛିନା'

## ଭକ୍ତି ଭାବ ସହ ପର୍ବ ପାଳନ କଲେ ଖଲିଗଡ଼ବାସୀ

**କୋକସରା, ୯।୪(ସମିସ)**

ଆଦି ସଂସ୍କୃତିର ଧାରାରେ ଚୈତ୍ରମାସର ଯଥେଷ୍ଟ ଗୁରୁତ୍ୱ ରହିଛି। ପ୍ରାଚୀନ କାଳରୁ ଆରମ୍ଭ କରି ବର୍ତ୍ତମାନର ସମୟ ପର୍ଯ୍ୟନ୍ତ ଏହି ମାସରେ ଅନେକ ଦେବାଦେବୀଙ୍କ ଯାତ୍ରା ଓ ପର୍ବ ଅନୁଷ୍ଠିତ ହୋଇଆସୁଛି। କଳାହାଣ୍ଡିର ବିଭିନ୍ନ ଗ୍ରାମରେ ଭିନ୍ନଭିନ୍ନ ଆକାରରେ କୃଷକଙ୍କ ଅନେକ ପରମ୍ପରା ମଧ୍ୟ ରହିଛି। ସେଥି ମଧ୍ୟରୁ ଆଦି ସଂସ୍କୃତିର ଭିନ୍ନ ଏକ କୃଷିଭିତ୍ତିକ ପାର୍ବଣ 'ବିହନ ଛିନା' ପର୍ବ ଅନ୍ୟତମ। ଆଦିବାସୀ ପରମ୍ପରାରେ ସାଧାରଣତଃ ଚାଷୀ ଚାଷ କାର୍ଯ୍ୟ ପ୍ରସ୍ତୁତି ଆରମ୍ଭରୁ ଧାନ ବିହନ ସଂଗ୍ରହ (ବିହନ ଛିନା) ପର୍ବ ପାଳନ କରିଥାଏ। ବିହନ ଯାତ୍ରାକୁ ଚାଷୀକୂଳ ବର୍ଷକରେ ଥରେ ପାଳନ କରିଥାନ୍ତି। କେମିତି ଆଗାମୀ ଋତୁରେ ଚାଷ ଭଲ ଅମଳ ହେବ ସେ ନେଇ ବିଭିନ୍ନ ଦେବାଦେବୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରି ଦେବାଦେବୀଙ୍କ ଆଶୀର୍ବାଦ ଭିକ୍ଷା କରି ଚାଷ କାର୍ଯ୍ୟ ପାଇଁ ପ୍ରଥମ ପ୍ରସ୍ତୁତି ଆରମ୍ଭ କରୁଥିବା କେଉଁ ଆବାହମାନ କାଳରୁ ବିଶ୍ୱାସ ରହିଛି।



ତେବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ସାହଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଖଲିଗଡ଼ ଗ୍ରାମରେ ଏହି ବିହନ ଛିନା ପର୍ବ ପ୍ରାଚୀନ ପରମ୍ପରାର ଧାରା ଅନୁକ୍ରମେ ପାଳିତ ହୋଇଆସୁଛି। ମଙ୍ଗଳବାର ଏହି ବିହନ ଯାତ୍ରା ପାଇଁ ଗ୍ରାମର ସମସ୍ତ ଚାଷୀକୂଳ ପ୍ରାତଃ ସ୍ନାନ ସାରି ଭୋର ସକାଳୁ ଦେବୀଙ୍କ ପୀଠରେ ଲାଠି, କାଳିସୀ ସହିତ ସାମିଲ ହୋଇ ବିଭିନ୍ନ ଦେବାଦେବୀଙ୍କୁ ଶୁକ୍ଳ ଭୋଗ ଓ ବଳି ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଗ୍ରାମର କୋଣ୍ଠିଆ ଭିସା, ବୟା ଭିମା, କଳା ଧରଣୀ, ମାଣିକେଶ୍ୱରୀ, ମାଟି ଦେବତା ସହ ଅନେକ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିଥାନ୍ତି। ଏଠାରେ ବିଶ୍ୱାସ ଅଛି ଯେ ମାଟି ଘରେ ଥିବା ପଥର ଖଣ୍ଡକୁ ଚାଷୀମାନେ ଉଠେଇ ପରିକ୍ରମା କରନ୍ତି, ଯାହାକୁ ଭୀମା ଅଣ୍ଡା ବୋଲି ସ୍ଥାନୀୟ ଭାଷାରେ କୁହନ୍ତି। ଯେଉଁମାନେ ଏହାକୁ ବିଶ୍ୱାସ ଓ ଭକ୍ତି କରନ୍ତି ନାହିଁ ସେମାନେ ଏହି ପଥର ଖଣ୍ଡକୁ ଉଠେଇବାରେ ସକ୍ଷମ ହୁଅନ୍ତି ନାହିଁ। ପୂଜା ଶେଷରେ ଚାଷୀମାନେ ଖୁସି ମନରେ ନୂତନ ଆଶା ଉଦ୍ଦୀପନା ସହ ବିହନ ଗ୍ରହଣ କରି ନାଚି ନାଚି ଖୁସିରେ ଘରକୁ ଫେରନ୍ତି। ବିହନ ନେଇ ଘରକୁ ଫେରିବା ପରେ ବନ୍ଦାପଣା କରି ଘରର ମହିଳାମାନେ ସ୍ୱାଗତ କରି ଘର ଭିତରେ ନେଇଥାନ୍ତି। ଗ୍ରାମର ଗୌନ୍ତିଆ ଗବ୍ର ମାଝୀ, ଗଣା ଯଦୁ ମହାନନ୍ଦ, ପୁଝାରୀ ମାନସିଙ୍ଗ ପୁଝାରୀ, ଶିରା ନବେ ମାଝୀ, ଜୟଧର ଚଲାନ, ନର୍ସିଙ୍ଗ ଚଲାନ ପ୍ରମୁଖ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ପଦ୍ମନ ଚଲାନ, ବିରେନ କନ୍ଧ, ତ୍ରିନାଥ ପୁଝାରୀ, ପୁରୁନ କନ୍ଧ, ରାମଦାସ କନ୍ଧ, ଅମୃ ମାଝୀ, ସହଦେବ ମାଝୀ, ଯୁଗଳ ମାଝୀ, ବିନୁ ମାଝୀ, କ୍ଷିରସିନ୍ଧୁ ମାଝୀ, କୁମ ମାଝୀ, ଧର୍ମୁ ମାଝୀ, ସୁକଚନ ଚଲାନ, ଜୟସିଂ ମାଝୀ ସମେତ ଗ୍ରାମବାସୀ ଏହି ବିହନ ଯାତ୍ରାରେ ସାମିଲ ହୋଇ ସହଯୋଗ କରିଥିଲେ।

## ଜମି କିଣାବିକାରେ ଜାଲିଆତି
# ପ୍ରଧାନଶିକ୍ଷକଙ୍କ ସହ ଅନ୍ୟ ଜଣେ ଅଟକ

**କଲମପୁର, ୯।୪(ସମିସ):** ଜାଗା ରେଜିଷ୍ଟ୍ରେସନ କରିବା ସମୟରେ ଧରା ପଡ଼ାଇ ଦେଲା ନକଲି ଉତ୍ତରାଧିକାରୀ ପ୍ରମାଣପତ୍ର। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କଲମପୁର ତହସିଲ କାର୍ଯ୍ୟାଳୟରେ। ଜାଗା ରେଜିଷ୍ଟ୍ରେସନ ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ରରେ ପୁଅ ଜାଗାରେ ବାପା ଦସ୍ତଖତ କରି ସଫଳ ହେବା ପରେ ମଙ୍ଗଳବାର ଦିନ କଲମପୁର ତହସିଲଦାର ସ୍ମରଣିକା ଡୁଲଙ୍କ ପାଖରେ ନକଲ ଦସ୍ତଖତ କରି ରେଜିଷ୍ଟ୍ରେସନ କରିବାକୁ ଆସିଥିବା ସମୟରେ ସେ ଜାଲିଆତି ହୋଇଥିବା ଦେଖିଥିଲେ। ସେ ଏସମ୍ପର୍କରେ ଥାନାରେ ସୂଚନା ଦେବାରେ କଲମପୁର ବାଗପଡ଼ା ସ୍କୁଲର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପଣ୍ଡା ଏବଂ ମୀନଗୁର ଗ୍ରାମର ଟିକେଶ୍ୱର୍ ନାଗଙ୍କୁ କଲମପୁର ଥାନାରେ ଆଟକ ରଖିଥିବା ଜଣାପଡ଼ିଛି। ଉତ୍ତରାଧିକାରୀ ପ୍ରମାଣପତ୍ରରେ ଅବିକଳ ନକଲ ଜାଲ ପ୍ରମାଣପତ୍ର ବାହାର କରି ତହସିଲଦାରଙ୍କ ପାଖକୁ ରେଜିଷ୍ଟ୍ରେସନ କରିବାକୁ ଆସିଥିବା ସମୟରେ ସବ ରେଜିଷ୍ଟ୍ରାର ଶ୍ରୀ ଖମାରୀଙ୍କ ଦସ୍ତଖତ ନକଲ ହୋଇଥିବାର ଖବର ତହସିଲଦାରଙ୍କୁ ଦେଇଥିଲେ। ତହସିଲଦାର ତୁରନ୍ତ କଲମପୁର ପୁଲିସକୁ ସୂଚନା ଦେବାରୁ ସେମାନଙ୍କୁ ନେଇ ଥାନରେ ଅଟକ ରଖିଥିବାର ସୂଚନା ମିଳିଛି। ଏନେଇ କଲମପୁର ଥାନା କେସ ନଂ ୫୨/୨୪ରେ ଏକ ମାମଲା ରୁଜୁ କରି ଦଫା ୪୨୦, ୪୬୮, ୪୭୧, ୩୪ରେ ମକଦ୍ଦମା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ସୂଚନା ଦେଇଛନ୍ତି। ଜଣେ ପ୍ରଧାନଶିକ୍ଷକ ଜମିଜମା କିଣାବିକା ସଂକ୍ରାନ୍ତରେ ଏପରି ଜାଲିଆତି କରି ଥାନାକୁ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଆନ୍ଧ୍ରରେ ବନ୍ଧା ଶ୍ରମିକଙ୍କୁ ଉଦ୍ଧାର ପାଇଁ ଅନୁରୋଧ



**ଶଗଡ଼ା, ୯ ।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଲୁଇସିଂ ଗ୍ରାମରୁ ୧୮ ଜଣ ଶ୍ରମିକ ଦାଦନ ଖଟିବାକୁ ଯାଇ ଆନ୍ଧ୍ରପ୍ରଦେଶରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏ ନେଇ ମଙ୍ଗଳବାର ଦାଦନ ଶ୍ରମିକଙ୍କ ପରିବାର ଲୋକେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାର ନିଜ ଅଞ୍ଚଳରେ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଲୋକେ ନିଜ ଅଞ୍ଚଳରେ କାମ ପାଉ ନାହାଁନ୍ତି। ଏହା ଫଳରେ ପରିବାର ପ୍ରତିପୋଷଣ ଆଶାରେ ରାଜ୍ୟ ବାହାରକୁ ଦାଦନ ଯିବାକୁ ବାଧ ହେଉଛନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି।

ତେବେ ଅଭିଯୋଗ ଅନୁଯାୟୀ କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଶ୍ରମିକ ଦଲାଲଙ୍କ ପ୍ରଲୋଭନରେ ପଡ଼ି କଣ୍ଟାମାଳ ବ୍ଲକ ଲୁଇସିଂ ଅଞ୍ଚଳର ୩ଟି ପରିବାରର ୧୮ ଜଣ ସଦସ୍ୟ ଆନ୍ଧ୍ରପ୍ରଦେଶ ରାଜ୍ୟର ନାଦୁପେଟକ୍ଷ ଅଞ୍ଚଳକୁ କାମ କରିବାକୁ ଯାଇଛନ୍ତି। ସେମାନଙ୍କୁ ମାଲିକ ମଜୁରୀ ନ ଦେଇ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନିର୍ଯ୍ୟାତନା ଦିଆ ଯାଉଥିବା ଜାଣିବା ପରେ ସେମାନଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଶ୍ରମ ଅଧିକାରୀ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ଘଡ଼ିଆଳ କୁମ୍ଭୀର ଉପରେ ଗବେଷଣା



**ହରଭଙ୍ଗା, ୯ ।୪(ସମିସ):** ବୌଦ୍ଧ ଦେଇ ପ୍ରବାହିତ ମହାନଦୀରେ ଥିବା ଘଡ଼ିଆଳ କୁମ୍ଭୀରଙ୍କ ଉପରେ ଗବେଷଣା ଆରମ୍ଭ ହୋଇଛି। ଏଥିରେ ନନ୍ଦନ କାନନ ଟିମ୍ ଓ ବୌଦ୍ଧ ବନ ବିଭାଗ ସାମିଲ ହୋଇଛି। କୁମ୍ଭୀରଙ୍କ ବାସସ୍ଥଳ ହରଭଙ୍ଗା ବ୍ଲକ ମହାନଦୀର ଘାଟ କରଡ଼ି ଓ ମଙ୍ଗଳପୁର ଘାଟ ପର୍ଯ୍ୟନ୍ତ ଏହି ଟିମ୍ ଏକ ମାଛଧରା ଡଙ୍ଗାରେ ଅନୁଧ୍ୟାନ କରିଛନ୍ତି। ମହାନଦୀ ଜଳର ଉଷ୍ମତା, ସ୍ୱଚ୍ଛତା, ପ୍ରଦୂଷଣ ଓ କୁମ୍ଭୀର ପାଇଁ ପ୍ରତିକୂଳ ପରିବେଶ କି ନାହିଁ ତାହା ଉପରେ ଗବେଷଣା କରାଯାଇଛି।

## ନିଖୋଜ ନାବାଳିକା ଉଦ୍ଧାର

**ବିନିକା, ୯ ।୪ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ମହାଦେବପାଲି ଗ୍ରାମର ନିଖୋଜ ଥିବା ମେଥିନି ପାଣ୍ଡେଙ୍କ ଝିଅ ସଂଯୁକ୍ତା ପାଣ୍ଡେ (୧୪) ଉଦ୍ଧାର ହୋଇଛନ୍ତି। କିଛି ଦିନ ତଳେ ସେ ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସୋନପୁର ପୁଲିସ ବ୍ଲକ ଛକ ନିକଟରୁ ତାଙ୍କୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଛି।

● ବସ୍-ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

# ଶବ ବ୍ୟବଚ୍ଛେଦ ବିଳମ୍ବ ନେଇ ରାସ୍ତା ଅବରୋଧ

ଶଗଡ଼ା/ମନମୁଣ୍ଡା, ୯ ।୪(ସମିସ)



କଣ୍ଟାମାଳ ଥାନା ଲମ୍ବସରୀ ଛକ ନିକଟରେ ମଙ୍ଗଳବାର ସକାଳ ୮ରେ ଦୁର୍ଘଟଣା ଘଟିଛି। ଏକ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଣ୍ଟାମାଳ ବ୍ଲକ ବିଚିକା ଗାଁର ବାଲ୍ମୀକି ମହାନନ୍ଦିଆ। ପ୍ରଶାନ୍ତ ମହାନନ୍ଦିଆ ଗୁରୁତର ହୋଇଛନ୍ତି। ଉଭୟ ବାଇକ୍‌ରେ ଯାଉଥିବା ବେଳେ ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କଣ୍ଟାମାଳ ଡାକ୍ତରଖାନା ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ବାଲ୍ମୀକିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତେବେ କ୍ଷତିପୂରଣ ଅର୍ଥରାଶି ତୁରନ୍ତ ପ୍ରଦାନ ଓ ଶବ ବ୍ୟବଚ୍ଛେଦରେ ବିଳମ୍ବ ନେଇ ମଙ୍ଗଳବାର ଅପରାହ୍ନରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ୫୭ ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକ କରାଯାଇଥିଲା। ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବାକୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ପ୍ରାୟ ୪ଟା ସମୟ ପର୍ଯ୍ୟନ୍ତ କୌଣସି ଡାକ୍ତର ଆସି ନ ଥିଲେ। ଏଥିରେ ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦର ସଭ୍ୟମାନେ ଘୋର ଅସନ୍ତୋଷ ଓ ବିରକ୍ତି ପ୍ରକାଶ କରିଥିଲେ। ସଂଗଠନର ସମ୍ପାଦକ ଦେବଦତ୍ତ ସାଗରଙ୍କ ନେତୃତ୍ୱରେ ଅନେକ ପୁରୁଷ ଓ ମହିଳା ରାସ୍ତା ରୋକ କରିଥିଲେ। ଖବର ପାଇ ମନମୁଣ୍ଡା ଥାନା ଆଇଆଇସି ରାମ ମୁର୍ମୁ ପୁଲିସ ବଳ ସହ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ତେବେ ମୃତକଙ୍କ ପରିବାରଙ୍କୁ ବ୍ୟାଙ୍କ୍ ଜରିଆରେ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ପୁଲିସ ହସ୍ତକ୍ଷେପରେ ଶବ ବ୍ୟବଚ୍ଛେଦ ମଧ୍ୟ ସଙ୍ଗେ ସଙ୍ଗେ କରାଯାଇଥିଲା। ଏହା ପରେ ରାସ୍ତା ଅବରୋଧ ହଟିଥିଲା।

## ଗାଧୋଇବାକୁ ଯାଇ ବୃଦ୍ଧ ନିଖୋଜ



**ହରଭଙ୍ଗା, ୯ ।୪(ସମିସ):** ବୌଦ୍ଧ ସଦର ଥାନା ହରଭଙ୍ଗା ବ୍ଲକ ଶାମ୍ଭୁଚ ପଞ୍ଚାୟତ ସୁବଳୟା ଗ୍ରାମର ଜଣେ ବ୍ୟକ୍ତି ଗାଧୋଇବାକୁ ଯାଇ ୪ ଦିନ ହେବ ଘରକୁ ଫେରି ନାହାନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଜଳନ୍ଧର ସୁନା। ଏ ନେଇ ପରିବାର ଲୋକେ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି।

## ମା'କୁ ଉଦ୍ଧାର ପାଇଁ ନାବାଳକ ପୁଅଝିଅଙ୍କ ନେହୁରା

**ବୌଦ୍ଧ, ୯ ।୪(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଲିଆପାଲି ଗ୍ରାମର ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ସେ ରାଜସ୍ଥାନ ବାରାଁ ଜିଲ୍ଲାରେ ଥିବା ଜଣା ପଡ଼ିଛି।




ତାଙ୍କୁ ଉଦ୍ଧାର ପାଇଁ ତାଙ୍କ ନାବାଳକ ପୁଅ ଓ ଝିଅ ନେହୁରା ହୋଇଛନ୍ତି। ଜଣେ ସମ୍ପର୍କୀୟଙ୍କ ସହ ଭାଇ ଭଉଣୀ ନୂଆପଡ଼ା ଆସି ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

ଖଲିଆପାଲି ଗ୍ରାମର ଅନିତା ଖୁରା ନାମ୍ନୀ ଜଣେ ବିଧବା ମହିଳା ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ମହିଳାଙ୍କ ସହ କାମ କରିବାକୁ ମଧ୍ୟପ୍ରଦେଶ ଅଞ୍ଚଳକୁ ଗତ ଫେବ୍ରୁୟାରୀ ୫ ତାରିଖରେ ଯାଇଥିଲେ। ତାଙ୍କ ସହିତ ଯାଇଥିବା ଅନ୍ୟ ଦୁଇ ଜଣ ଫେବ୍ରୁୟାରୀ ୧୨ ତାରିଖରେ ଘରକୁ ଫେରି ଆସିଥିବା ବେଳେ ଅନୀତା ଆସି ନ ଥିଲେ। କିଛି ଦିନ ପରେ ତାଙ୍କୁ ରାଜସ୍ଥାନ ରାଜ୍ୟର ବାରା ଜିଲ୍ଲାରେ ରଖା ଯାଇଛି। ଉଦ୍ଧାର କରିବା ପାଇଁ ବିଭିନ୍ନ ମୋବାଇଲରୁ ବିଭିନ୍ନ ସମୟରେ ସେ ସମ୍ପର୍କୀୟଙ୍କୁ ଫୋନ୍ କରୁଛନ୍ତି।

## ଶ୍ରୀରାମ ମନ୍ଦିର ରତ୍ନମୁଦ ଓ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ମନମୁଣ୍ଡା, ୯ ।୪(ସମିସ):** ବୌଦ୍ଧ ବ୍ଲକ ରକସା ଗ୍ରାମରେ ଶ୍ରୀରାମ ମନ୍ଦିରର ରତ୍ନମୁଦ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା ହୋଇଛି। ଗ୍ରାମର ପ୍ରତି ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ସ୍ଥାପନ କରାଯାଇଛି। ନାମ ସଂକୀର୍ତ୍ତନ ଓ ହୋମ ଯଜ୍ଞ ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜକ ଭାବେ ନିରଞ୍ଜନ ମିଶ୍ର ଯୋଗ ଦେଇ ପୂଜାକାର୍ଯ୍ୟ ତୁଲାଇ ଥିଲେ। କର୍ତ୍ତା ଭାବେ ରାଜେନ୍ଦ୍ର ମେହେର, ଗୋଲକ ମେହେର, ସୁନୀଲ କୁମାର ମେହେର, ଜିତେନ୍ଦ୍ର ମେହେର କାର୍ଯ୍ୟ ତୁଲାଇ ଥିଲେ।



## ଗାଁରେ ପହଞ୍ଚିଲା ଯବାନଙ୍କ ମରଶରୀର

● ପୁଲିସ ତରଫରୁ ତୋପ ସଲାମୀ

**ବୌଦ୍ଧ/ନୂଆପଡ଼ା, ୯।୪(ସମିସ):** ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ସଦର ଗାଁର ଆଇଆରବି ଯବାନ ପ୍ରମୋଦ ମାଝୀଙ୍କ ମରଶରୀର ମଙ୍ଗଳବାର ଗାଁରେ ପହଞ୍ଚିଛି। ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ତାଙ୍କୁ ତୋପ ସଲାମି ଦିଆଯାଇଛି। ଶୋକାକୂଳ ପରିବେଶ ମଧ୍ୟରେ ଗାଁରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଧରମବନ୍ଧା ଗାଁର ପୁରୁଷୋତ୍ତମ ମାଝୀଙ୍କ ଦୁଇ ପୁଅ ମଧ୍ୟରୁ ପ୍ରମୋଦ ବୋଡେନ ଥାନାରେ ଅବସ୍ଥାପିତ ଥିଲେ। ସପ୍ତାହକ ତଳେ ତାଙ୍କର ତାମିଲନାଡୁକୁ ନିର୍ବାଚନ କାମରେ ଅସ୍ଥାୟୀ ଭାବେ ବଦଳି ହୋଇଥିଲା। ସେଠାରେ ଏକ କ୍ୟାମ୍ପରେ ରହୁଥିଲେ। ସୋମବାର ଦିନ କୌଣସି କାମରେ ସ୍ଥାନୀୟ ବଜାରକୁ ବାଇକ୍ ଯୋଗେ ଯାଇଥିଲେ। ଫେରିବା ବାଟରେ ଏକ ଟ୍ରକ୍ ପଛପଟୁ ପିଟି ଦେଇଥିଲେ। ସେ ବାଇକ୍‌ରୁ ଛିଟିକି ଯାଇଥିଲେ। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲେ।

ମୃତଦେହ ଭୁବନେଶ୍ୱର ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ଗାଡିରେ ମଙ୍ଗଳବାର ପୂର୍ବାହ୍ନରେ ଗାଁରେ ପହଞ୍ଚିଥିଲା। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଆଦିବାସୀ ସଂଘର ଭାନୁପ୍ରତାପ ସିଂ ମାଝୀଙ୍କ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏସ୍‌ପି ଜି.ଆର.ରାଘବେନ୍ଦ୍ର ମଧ୍ୟ ଗାଁକୁ ଆସି ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ପ୍ରକାଶ ଯେ, ପ୍ରମୋଦ ୨୦୦୯ରେ ଚାକିରିରେ ଯୋଗ ଦେଇଥିବାବେଳେ ୫ ବର୍ଷ ତଳେ ବିବାହ କରିଥିଲେ।



## ଡାକ୍ତର ସରୋଜ ସେଠଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି, ୯ ।୪(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ନୂତନ ଭାବେ ଯୋଗ ଦେଇଥିବା ଡାକ୍ତର ସରୋଜ ସେଠ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ଡାକ୍ତର ରବୀନ୍ଦ୍ରନାଥ ପଣ୍ଡା, ଡାକ୍ତର ସଞ୍ଜୟ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଧଜ ସାହୁ, ରୋଗୀ କଲ୍ୟାଣ ସମିତି ସଦସ୍ୟ ହିମାଂଶୁ ଶେଖର ବିଶ୍ୱାଳ ଏବଂ ଶେଷଦେବ ଥନାପତି ଯୋଗେ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ନବବର୍ଷ ପାଳିତ





ବୌଦ୍ଧ, ୯ ।୪(ସମିସ)

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଯାଇଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଲକ୍ଷ୍ମଣ ନାଏକ ମୁଖ୍ୟ ଅତିଥି, ବିଦ୍ୟାଳୟର ସମ୍ପାଦକ ସାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

**ଶଗଡ଼ା:** କଣ୍ଟାମାଳ ବ୍ଲକ ବିଳାସପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ମହାସମାରୋହରେ ପାଳିତ ହୋଇଛି। ପରିଚାଳନା କମିଟି ସଭାପତି ସୁଦାମ ଚରଣ ଖମାରୀ, ସମ୍ପାଦକ ହିତେନ୍ଦ୍ର ଭୂଷଣ ମେଣ୍ଡିଲି, ପ୍ରଧାନ ଗୁରୁଜୀ ବିଜୟ ପ୍ରଧାନଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ବାଉଁଶୁଣି:** ବୌଦ୍ଧ ଜିଲ୍ଲା ବାଉଁଶୁଣି ସରସ୍ୱତୀ ଶିଶୁମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ପରିଷଦର ସଭାପତି ହୃଦୟରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୌଦ୍ଧ ସଙ୍କୁଳର ସଙ୍କୁଳ ପ୍ରମୁଖ ଦଶରଥ ମେହେର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ହିନ୍ଦୁ ନବବର୍ଷ ପାଳନ ତଥା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କଥା ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱୟଂସେବକ ସୋମନାଥ ଭାଇ ଭାରତୀୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥଲେ। ଶେଷରେ ପରିଷଦର ସମ୍ପାଦକ ସୁନିଲ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଡୁଙ୍ଗୁରିପାଲି:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବ ବର୍ଷ ପାଳନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ କୃଷକନେତା ବିପ୍ର ଚରଣ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁଜୀ ଅଶ୍ୱିନୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ପୌଲସ୍ତି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



**ବିନିକା:** ବିନିକା ବ୍ଲକ କୁହିବାହାଲ ଗ୍ରାମରେ ଚୈତ୍ରଶୁକ୍ଳ ପକ୍ଷ ପ୍ରତିପଦା ଅବସରରେ ହିନ୍ଦୁ ନବବର୍ଷ ପାଳତ ହୋଇଯାଇଛି। ଭୋର ୫ଟାରୁ କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା ପରେ ଶିବମନ୍ଦିର ଓ ରାମଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପୂଜକ ଭାବେ ତ୍ରିଲୋଚନ ବିଶି ଓ ଦେବାର୍ଚ୍ଚନ ଭୋଇ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପବିତ୍ର ପୁରୋହିତଙ୍କ ଦ୍ୱାରା ଭାଗବତ ପଠନ ହୋଇଥିବା ବେଳେ ରାତ୍ର ବିଶ୍ୱାଳ ଓ ଶେଷଦେବ ସାହୁ ଭଜନ ପରିବେଷଣ କରିଥିଲେ। ଗୋପନାଥ ବିଶ୍ୱାଳ, ଧନୁ ପଧାନ, ଖଗେଶ୍ୱର ପଧାନ, ମୁରଲୀଧର ବିଶ୍ୱାଳ, ଧରମ ବିଶ୍ୱାଳ, ଡୋଲାମଣି ପଧାନ, ସୁନିଲ ସାହୁ, ଜୟନ୍ତ ପଧାନ, ମାଗି ପଧାନ, ସୁଜଳ ପଧାନ, ଭୁବନେଶ୍ୱର ପଧାନ, କୁଶଳେଶ୍ୱର ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ମତଦାନ କେନ୍ଦ୍ର ପରିଦର୍ଶନ

● ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲାଗି ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

**ତରଭା, ୯ ।୪(ସମିସ):** ସାଧାରଣ ନିର୍ବାଚନ ୨୦୨୪ ଅବସରରେ ଜିଲ୍ଲାରେ ଏକକାଳୀନ ବଲାଙ୍ଗୀର ଲୋକସଭା ସାଂସଦ କ୍ଷେତ୍ର ସହ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଅନୁଷ୍ଠିତ ମତଦାନକୁ ମୁକ୍ତ, ସ୍ୱଚ୍ଛ ଓ ବ୍ୟବସ୍ଥିତ ତଥା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିବା ଉପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲ୍ଲାରେ ମତଦାନ ପାଇଁ ମତଦାତା ଯେପରି ଅଧିକରୁ ଅଧିକ ଭାବେ ମତଦାନ କେନ୍ଦ୍ରକୁ ଆସି ସୁରୁଖୁରୁରେ ତଥା ବ୍ୟବସ୍ଥିତ ଭାବେ ନିଜ ନିଜର ମତଦାନ ସାବ୍ୟସ୍ତ କରିପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଜିଲ୍ଲାର ତରଭା ବ୍ଲକ ଅଧୀନ ଦୁବୁଲା ପଞ୍ଚାୟତର ପଣ୍ଡରାପିଟା, ସରଗଜ ପଞ୍ଚାୟତର ଶିଳାଟିମୁଣ୍ଡା, ଶିବତୁଲା ପଞ୍ଚାୟତର ଶିବତୁଲା, ଘାଟକଇଁତରା ପ୍ରାଥମିକ ସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାକୁ ଥିବା ମତଦାନ କେନ୍ଦ୍ରଗୁଡିକ ପରିଦର୍ଶନ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ତଥା ବୁଥ୍ ଗୁଡିକରେ ଆବଶ୍ୟକ ଭିତ୍ତିଭୂମି ଓ ପ୍ରସ୍ତୁତିର ଯାଞ୍ଚ କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଦାସ ପରିଦର୍ଶନ ସମୟରେ ସମ୍ପୃକ୍ତ ବିଏଲଓ, ତଥା ଏଆରଓ, ଆରଓଙ୍କୁ ପ୍ରତ୍ୟେକ ବୁଥରେ ମତଦାନ ଦିନ ପାନୀୟଜଳ, ଆଶ୍ରୟ ସ୍ଥଳ, ବିଶ୍ରାମ କକ୍ଷ, ଶୌଚାଳୟ ବ୍ୟବସ୍ଥା, ଆବଶ୍ୟକ ଅନୁଯାୟୀଇ ଆଲୋକ ବ୍ୟବସ୍ଥା, ଭିନ୍ନକ୍ଷମ ମତଦାତାଙ୍କ ନିମନ୍ତେ ର୍‌ୟାମ୍ପ ସୁବିଧା, ହୁଇଲ ଚେୟାର ବ୍ୟବସ୍ଥା ସହ ୮୦ ବର୍ଷରୁ ଅଧିକ ବୟସର ମତଦାତାଙ୍କ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ସହ ପାରିପାର୍ଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ବୁଥ୍ ପରିଦର୍ଶନ ସମୟରେ ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ତରଭା ବିଡିଓ ଅନିଲ କୁଲୁଙ୍କ ସମେତ ସମ୍ପୃକ୍ତ ବିଏଲଓ, ତଥା ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

